ଧରିତ୍ରୀ
DHARITRI
July 26-August 1, 2020 ₹ 2/-

# ଛୁଟିଦିନ




## ଏଇ ଫୁର୍‌ସତ୍‌ରେ

୩

**ପ୍ରଚ୍ଛଦ ପ୍ରସଙ୍ଗ**

ଦିନଥିଲା ମଣିଷ ଟିକେ ଅବସର ସମୟ ପାଇଁ ତରସି ଯାଉଥିଲା। କାମର ଚାପରେ ଅନ୍ତର୍ନିହିତ ଇଚ୍ଛାସବୁ ଦବି ରହି ଯାଉଥିଲା। ହେଲେ ଏବେ ଏହି ମହାମାରୀ ପାଇଁ ଅନେକଙ୍କର କାମଦାମ ବନ୍ଦ । ଘରେ ବସି ରହିଛନ୍ତି ଅନେକେ । ପାଖରେ ସମୟ ହିଁ ସମୟ । କିନ୍ତୁ ଅନିଶ୍ଚିତ ଭବିଷ୍ୟତକୁ ନେଇ ସମସ୍ତେ ଚିନ୍ତିତ । ବଢ଼ିଯାଇଛି ମାନସିକ ଚାପ ଓ ହତାଶା। ତଥାପି କିଛି ଲୋକ ଏହି ବିଷମ ପରିସ୍ଥିତି ଆଗରେ ହାର୍ ମାନିନାହାନ୍ତି। ବରଂ ଏହି ସମୟର ସଦୁପଯୋଗ କରି କିଛି ନୂଆ କରିବାକୁ ଆଗେଇ ଆସିଛନ୍ତି...





**ସିନେମା**

୪

# କେଉଁ ଦିଗରେ କେଉଁ ପରଦା

**କ୍ୟା**ରିୟର ଓ ପାରିବାରିକ କଳହକୁ ନେଇ ଚିନ୍ତିତ ଥିଲେ ବାସ୍ତୁଶାସ୍ତ୍ର ଅନୁଯାୟୀ ଘରେ ପରଦା ଲଗାନ୍ତୁ। ଦେଖିବେ ସମସ୍ୟା ଅନେକାଂଶରେ କମିଯିବ। ଚାକିରିକୁ ନେଇ ଚିନ୍ତିତ ଥିଲେ ଘରର ପୂର୍ବ ଦିଗରେ ସବୁଜ ରଙ୍ଗର ପରଦା ଲଗାନ୍ତୁ। ଘର ପୂର୍ବମୁଖୀ ଓ ଆପଣଙ୍କର ଏହି ଦିଗରେ ଝରକା କବାଟ ଥିଲେ ଅଣ୍ଡାକାର, ଫୁଲ ପ୍ୟାଟର୍ନ , ଷ୍ଟ୍ରାଇପ୍ ଡିଜାଇନର ପରଦା ଲଗାନ୍ତୁ। ଏହାଦ୍ୱାରା ଉନ୍ନତିର ନୂଆ ନୂଆ ମାର୍ଗ ଖୋଲିଯିବ। ଏହାସହ ପରଦାର ରଙ୍ଗ ଉପରେ ବି ଧ୍ୟାନ ଦେବା ଜରୁରୀ। କେଶରୀ, ହଳଦିଆ, ସବୁଜ, ଗୋଲାପି, ହାଲ୍‌କା ନାରଙ୍ଗି ରଙ୍ଗ ପଜିଟିଭ ଉର୍ଜା ବଢାଇବା ସହ ସମୃଦ୍ଧି ବଢାଇଥାଏ ଓ ମାନସିକ ଶାନ୍ତି ଦେବ। ଉତ୍ତର ଦିଗରେ ନୀଳ ରଙ୍ଗର ପରଦା ଲଗାଇବା ଭଲ। ଏହାଛଡା ଆକାଶ ନୀଳ, ସି'ଗ୍ରୀନ୍ ରଙ୍ଗର ପରଦା ବି ଲଗାଇ ପାରିବେ।



ଏହାଦ୍ୱାରା ଧନପ୍ରାପ୍ତିର ନୂଆ ନୂଆ ଅବସର ମିଳିବ। କ୍ୟାରିୟରରେ ସଫଳତା ମିଳିବ। ଦକ୍ଷିଣ ଦିଗରେ ଲାଲରଙ୍ଗର ପରଦା ଲଗାଇଲେ ପରିବାର ସଦସ୍ୟଙ୍କ ମଧ୍ୟରେ ପ୍ରେମ ବଢିଥାଏ। ଦକ୍ଷିଣ ପୂର୍ବ ଦିଗରେ ତ୍ରିକୋଣ କିମ୍ବା ସେହିଭଳି କିଛି ପ୍ୟାଟର୍ନର ପରଦା ଲଗାଇବା ଶୁଭ। ଦକ୍ଷିଣ ଦିଗରେ ଆୟତାକାର ପ୍ୟାଟର୍ନର ପରଦା ଲଗାଇବା ଲାଭକାରୀ। ଏହିଦିଗରେ ଲାଲ, ନାରଙ୍ଗି, ଗୋଲାପି, ବାଇଗଣି ରଙ୍ଗର ପରଦା ବି ଲଗାଇପାରିବେ। ପରିଶ୍ରମ କରିବାସତ୍ତ୍ୱେ ସଫଳତା ମିଳୁ ନ ଥିଲେ ଘରର ପଶ୍ଚିମ ଦିଗରେ ଧଳା ରଙ୍ଗର ପରଦା ଲଗାନ୍ତୁ। ଏହାସହ ଗୋଲାକାର ପ୍ୟାଟର୍ନର ପରଦା ବି ଲଗାଇପାରିବେ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୨୬-ଅଗଷ୍ଟ ୧

| ରାଶି | ଫଳ |
|---|---|
| ମେଷ | କାର୍ଯ୍ୟ ସମ୍ପୂର୍ଣ୍ଣ କରିବେ, ସମ୍ପର୍କୀୟ ବନ୍ଧୁଙ୍କ ସାହାଯ୍ୟ, ପାରିବାରିକ ଶାନ୍ତି, ଭ୍ରମଣ ହେତୁକ କ୍ଳାନ୍ତି, ଭ୍ରାତୃ ସମ୍ପର୍କ ବୃଦ୍ଧି, ସ୍ୱାସ୍ଥ୍ୟରେ ଉନ୍ନତି, ସଫଳ ଭ୍ରମଣ, କାର୍ଯ୍ୟ ସିଦ୍ଧିରୁ ଆନନ୍ଦ, ବକେୟ ପାଉଣା ପ୍ରାପ୍ତି। |
| ବୃଷ | କାଯ୍ୟ ସିଦ୍ଧି, ପାରିବାରିକ ସମସ୍ୟା, ବ୍ୟବସାୟରେ ପ୍ରତିବନ୍ଧକ, ପଦୋନ୍ନତି ସୂଚନା, ଧାରକରଜ, ବିବାଦୀୟ ପରିସ୍ଥିତି, ବନ୍ଧୁପ୍ରସ୍ତାବ, ଦୂରଯାତ୍ରା, ଲୋକ ସମ୍ପର୍କ ବୃଦ୍ଧି, ଶାରୀରିକ କ୍ଳାନ୍ତି। |
| ମିଥୁନ | କର୍ମ କ୍ଷେତ୍ରରେ ବିଶୃଙ୍ଖଳା, ଭ୍ରମଣ ସୁଯୋଗ, ସତ୍‌ସଙ୍ଗ, ଅତିଥି ସେବା, ବାଣିଜ୍ୟରେ କ୍ଷତି, ବନ୍ଧୁଙ୍କ ପରାମର୍ଶ, ଆର୍ଥିକ ଅଭିବୃଦ୍ଧି, ନୂତନ ମୈତ୍ରୀ, ପାରିବାରିକ ସୌଖ୍ୟ, ସଭାସମିତିକୁ ଆହ୍ୱାନ। |
| କର୍କଟ | ମାନସିକ ଶାନ୍ତି, ସ୍ୱାସ୍ଥ୍ୟରେ ଉନ୍ନତି, ଅର୍ଥ ସଙ୍କଟ, ସାଂସ୍କୃତିକ କାର୍ଯ୍ୟ, ଭ୍ରାତୃ ସମ୍ପର୍କ ବୃଦ୍ଧି, ଶିକ୍ଷାରେ ସଫଳତା, ମିଥ୍ୟା ଗୁଜବ, ମାଲି ମକଦ୍ଦମାରେ ବିଜୟ, କର୍ମତତ୍ପରତା ବୃଦ୍ଧି, ଦୂରଯାତ୍ରା। |
| ସିଂହ | ସରକାରୀ ସହାୟତା, ବନ୍ଧୁଙ୍କ ସହାନୁଭୂତି, ସ୍ତ୍ରୀଙ୍କ ପ୍ରେରଣା, ଅଭୀଷ୍ଟ ସିଦ୍ଧି, ଆର୍ଥିକ ଉନ୍ନତି, ଶିଳ୍ପ, ବାଣିଜ୍ୟରେ ଉନ୍ନତି, ମିଥ୍ୟା ଅଭିଯୋଗ, ନୂତନ ନିଯୁକ୍ତି ସୁଯୋଗ, ସ୍ୱାସ୍ଥ୍ୟଗତ ସମସ୍ୟା। |
| କନ୍ୟା | ଆରୋଗ୍ୟ ଲାଭ, ଆର୍ଥିକ ସହାୟତା, ସମ୍ପର୍କୀୟଙ୍କ ମିତ୍ରତା, କାରବାରରେ ଉନ୍ନତି, ଭାବପ୍ରବଣତା ବୃଦ୍ଧି, ଦୁଃସାହସିକ ପଦକ୍ଷେପ, ପଦମର୍ଯ୍ୟାଦା ବୃଦ୍ଧି, ଦୈହିକ ଦୁର୍ବଳତା। |
| ତୁଳା | ବନ୍ଧୁ ମିଳନ, ଭ୍ରମଣ ସୁଯୋଗ, କ୍ଳାନ୍ତି ବୋଧ, ଶିକ୍ଷାରେ ସଫଳତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ବ୍ୟୟ ବରାଦ, ସମସ୍ୟାର ମୁକାବିଲା କରିବେ, ଯାନବାହନରେ ସମସ୍ୟା, ପାରିବାରିକ ଶାନ୍ତି, ଧର୍ମକାର୍ଯ୍ୟ। |
| ବିଛା | କର୍ମୋନ୍ନତି, ବନ୍ଧୁଙ୍କ ସମର୍ଥନ, ବିବାଦରେ ବିଜୟ, ନିଃସଙ୍ଗତା ବୋଧ, ବନ୍ଧୁ ପ୍ରସ୍ତାବ, ନୂତନ ଚୁକ୍ତିପତ୍ର, ପରିବାରରୁ ସହଯୋଗ, ମାନସିକ ସ୍ଥିରତା, ଜମିଜମା ସମସ୍ୟା, ପରିବହନରେ କ୍ଷତି। |
| ଧନୁ | ବନ୍ଧୁଙ୍କୁ ଭେଟିବେ, ନିଜ କାମରେ ଅବହେଳା, ସମସ୍ୟା ସମାଧାନ, ସଙ୍ଗଦୋଷରୁ ସମାଲୋଚନା, ସଭାସମିତିକୁ ନିମନ୍ତ୍ରଣ, ଶତ୍ରୁ ଉପଦ୍ରବ। ଯାତ୍ରାରେ ପ୍ରତିବନ୍ଧକ, କଚେରି ମାମଲାରୁ ଦୁଶ୍ଚିନ୍ତା। |
| ମକର | ସମସ୍ୟା ସମାଧାନ, ଉନ୍ନତ ଯୋଜନା, ପଡୋଶୀଙ୍କ ପରାମର୍ଶ, ଯାତ୍ରାରୁ ସୁଫଳ, ସମ୍ପର୍କବୃଦ୍ଧି, ସହକର୍ମୀଙ୍କ ପ୍ରତିବାଦ, ଶୁଭଖବର, ଏଜେନ୍ସିପର ପ୍ରସାର, କରଜଦାତାଙ୍କ ଚାପ। |
| କୁମ୍ଭ | ନିରୁତ୍ସାହତା, ବନ୍ଧୁଙ୍କ ସାନ୍ତ୍ୱନା, ଅନୁକୂଳ ପରିବେଶ, ତର୍କ ଓ ବିବାଦ। ଶତ୍ରୁ ବିବାଦ, ବୃଥାଶଙ୍କା, ଶୁଭଯାତ୍ରା, ମନୋରଞ୍ଜନ, ଭ୍ରମଣ ସୁଖ, ଆନୁଷ୍ଠାନିକ କାମ। |
| ମୀନ | ମାଙ୍ଗଳିକ କାର୍ଯ୍ୟ, ପ୍ରତିକୂଳ ପରିସ୍ଥିତି, ବୁଝାମଣାରେ ତ୍ରୁଟି, ଯାତ୍ରାରେ ସଫଳତା, ପ୍ରାପ୍ୟଧନରେ ବାଧା, ସହକର୍ମୀଙ୍କ ସୌହାର୍ଦ୍ଦ୍ୟ, ଗୃହ ମରାମତି, ସଙ୍ଗୀତ ସାଧନା, ଚଳଚ୍ଚିତ୍ରରେ ସମସ୍ୟା, ସାମ୍ବାଦିକତାରୁ ଗୌରବ। |

## ନୁଡଲ୍ ପ୍ଲେହାଉସ୍

**ନୁ**ଡଲ୍ ହେଉଛି ପିଲାଙ୍କର ଏକ ପ୍ରିୟ ଖାଦ୍ୟ। ଜାଣି ଆଶ୍ଚର୍ଯ୍ୟ ହେବେ ଏହି ପ୍ରିୟ ଖାଦ୍ୟକୁ ଜଣେ ବ୍ୟକ୍ତି ପିଲାଙ୍କ ଖେଳିବା ଘରରେ ରୂପାନ୍ତରିତ କରିଦେଇଛନ୍ତି। ଝାଙ୍ଗ ନାମକ ଏହି ବ୍ୟକ୍ତି ଜଣକ ଖରାପ ହୋଇଯାଇଥିବା ନୁଡଲ୍‌ରେ ଉକ୍ତ ଘର ତିଆରି କରିଛନ୍ତି। ତାଙ୍କର ଜଣେ ସାଙ୍ଗ ନୁଡଲ୍ ହୋଲସେଲର୍ ଅଟନ୍ତି। ତାଙ୍କ ପାଖରେ ଥିବା ଅନେକ ନୁଡଲ୍ ପ୍ୟାକେଟ୍ ଏକ୍ସପାୟରୀ ତାରିଖ ଅତିକ୍ରମ କରି ସାରିଥିଲା। ତେଣୁ ସେଗୁଡିକୁ ସେ ଫୋପାଡିବାକୁ ଚାହୁଁଥିଲେ। ହେଲେ ଝାଙ୍ଗ ତାଙ୍କୁ ଏମିତି କରିବାକୁ ମନା କରିଥିଲେ। ଆଉ ସେ ସେହି ଖରାପ ନୁଡଲ୍‌କୁ ଆଣି ଘର ଭିତରେ ଏକ ପ୍ଲେହାଉସ୍ କରିବା ଆରମ୍ଭ କରିଥିଲେ। ଏଥିରେ ସେ ୨୦୦୦ ପ୍ୟାକେଟ୍ ବ୍ୟବହାର କରିଛନ୍ତି। ଏହି ଛୋଟିଆ ପ୍ଲେ ହାଉସ୍‌ରେ ଏକ ନୁଡଲ୍ ଖଟ ବି ଅଛି। ଯାହା ଉପରେ ଜଣେ ବଡ ଲୋକ ବି ଆରାମରେ ଶୋଇପାରିବେ। ତା'ସହ ଏକ ଝରକା ବି ଅଛି। ଏହି ଘର ଏବେ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ଘରକୁ ଅନେକେ ପ୍ରଶଂସା କରୁଥିବାବେଳେ କେହି କେହି କହୁଛନ୍ତି ଖରାପ ନୁଡଲ୍‌ରେ ପୋକ ହୋଇପାରେ ଓ ଏହା ପିଲାଙ୍କ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବି ହୋଇପାରେ।



## ପାଠକୀୟ

■ ପ୍ରଚ୍ଛଦ ପ୍ରସଙ୍ଗ 'ସଜା ନା ମଜା' ବହୁତ ରୋଚକ ଥିଲା। ଦୋଷୀଙ୍କୁ ଯେ, ଏଭଳି ଦଣ୍ଡ ମିଳିଥିଲା ବିଶ୍ୱାସ କରି ହୁଏନା। ଏଲ୍‌ଇଡି ମାସ୍କ ଓ କୋଭିଡ ୧୯ ବାଇକ୍ ସମୟୋପଯୋଗୀ ବିଷୟ ଥିଲା। ଗପ କବିତା ବି ବହୁତ ଭଲ ଲାଗିଲା। ଛୁଟିଦିନ ତ ବହୁ ଆଗରୁ ଆମର ପ୍ରିୟ। ତେବେ ଏହା ଏବେ ୮ ପୃଷ୍ଠାରେ ଆସୁଥିବାରୁ ଟିକେ ମନ ଦୁଃଖ ଲାଗୁଛି। ପୁଣିଥରେ ୧୬ ପୃଷ୍ଠାରେ କେବେ ଆସିବ ଅପେକ୍ଷାରେ ଅଛୁ।

*–ମନସ୍ୱିନୀ ବେହେରା, ହୁମ୍ମା, ଗଞ୍ଜାମ*

■ ମଜାଦାର ସଜାକୁ ନେଇ ପ୍ରସ୍ତୁତ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ମଜା ନା ସଜା' ବେଶ୍ ମଜାଦାର ଥିଲା। ସିନେମା ପୃଷ୍ଠାର 'କଥା ୧୨ ବର୍ଷର', 'ଛାଡିନି ବ୍ୟାଡମିଣ୍ଟନ ନିଶା' ଆଦି ପାଠ ବହୁତ ଭଲ ଲାଗିଲା। ମଡେଲ ମିରର୍‌ରେ ସମତା ବହୁତ ସୁନ୍ଦର ଲାଗୁଥିଲେ।

*–ବିନୋଦ ପାଣି, ସମ୍ବଲପୁର*

■ ନାଇଫ୍ ଥେରାପୀ ପାଠଟି ଆଶ୍ଚର୍ଯ୍ୟକର ଥିଲା। ବ୍ୟାକ୍‌ପେଜ୍‌ରେ ଅୟସରେ ଜୀବନ ବିତାଉଥିବା ଦୁଇ କୁକୁରଙ୍କ ବିଷୟ ପଢି ସେମାନେ କେତେ ଭାଗ୍ୟବାନ ବୋଲି ଭାବିଲି। କାର୍ଟୁନ କର୍ନର ବି ବହୁତ ମଜାଦାର ଥିଲା।

*–ସୌମ୍ୟାରାଣୀ ପଣ୍ଡା, ଯାଜପୁର*

■ ପ୍ରଚ୍ଛଦ ପ୍ରସଙ୍ଗରେ ଅନେକ ମଜାଦାର ସଜା ବିଷୟରେ ପଢି ଭଲ ଲାଗିଲା। ନାଇଫ୍ ଥେରାପୀ ପାଠଟି ରୋଚକ ଥିଲା। ହାଃ ହାଃ ପଢି ହସି ହସି ଲୋଟ୍‌ପୋଟ୍ ହୋଇଗଲି। ଗପ କବିତାଗୁଡିକ ମନଛୁଆଁ ହୋଇଥିଲା।

*–ପ୍ରଣବ ମହାକୁଡ, କଳାହାଣ୍ଡି*

■ ସିନେମା ପୃଷ୍ଠାର କଷ୍ଟ୍ୟୁମ ପାଇଁ ପାଠଟି ପଢି ଫ୍ୟାଶନ ଚଳଚ୍ଚିତ୍ରରେ କରୀନାଙ୍କ ପୋଷାକ ସମ୍ପର୍କରେ ଅନେକ କିଛି ଜାଣି ହେଲା। ରାଶିଫଳ ତ ମୁଁ ସବୁ ରବିବାର ଦେଖେ। ହାଃ ହାଃ ମୋର ଭାରି ପ୍ରିୟ।

*–ଚିନ୍ମୟୀ ପାଢୀ, ରାୟଗଡା*

■ ଛୁଟିଦିନର ସବୁ ପୃଷ୍ଠା ପଠନଯୋଗ୍ୟ। ତେଣୁ ପ୍ରତି ରବିବାର ମୁଁ ଏହାକୁ ଅପେକ୍ଷା କରି ରହିଥାଏ। ଏଥର ବି ଏହାର ସମସ୍ତ ଉପସ୍ଥାପନା ବହୁତ ଭଲ ହୋଇଥିଲା। ପ୍ରଚ୍ଛଦ ପ୍ରସଙ୍ଗରୁ ଅନେକ ମଜାଦାର ସଜା ସମ୍ପର୍କରେ ଜାଣି ପାରିଲି। ଗପକବିତା ବି ବେଶ୍ ମନଛୁଆଁ ଥିଲା।

*–ରାହୁଲ ଗୋଛାୟତ, ପୁରୀ*

■ ସିନେମା, ସୃଜନ ଓ ପ୍ରଚ୍ଛଦ ପ୍ରସଙ୍ଗ ବହୁତ ଭଲ ଲାଗିଲା। ହାଃ ହାଃ, କାର୍ଟୁନ କର୍ନର ମନରେ ଖୁସି ଭରି ଦେଉଛି। ତେବେ ସାଥୀ ପୃଷ୍ଠା କଥା ଭାରି ମନେପଡୁଛି।

*–ମୋହନ ସୁନ୍ଦର ମହାପାତ୍ର, ପିଚୁକୁଳି, ନୟାଗଡ*



## ବିଶେଷ ଚିଠି

କେତେ ନୂଆ କଥା ପ୍ରତି ରବିବାରେ,
ବୁଣି ଦେଇ ଯାଅ ସଭିଙ୍କ ଘରେ।।
ଜଣା ଅଜଣାର ସମ୍ପୂର୍ଣ୍ଣ ତଥ୍ୟ
ସଦା ଆଣି ଥାଅ ଆମରି ପାଇଁ
ସିନେମା ସୃଜନୀ ସାହିତ୍ୟର କଥା,
ଗାଅ ପୁଣି ତୁମେ ଦେଶ ଦୁନିଆର ଗାଥା।।
ଧନ୍ୟ ଛୁଟିଦିନ ତୁମରି ପ୍ରୟାସ
ସବୁ ଓଡିଆଙ୍କ ମନେ ଭରିଛି ତୁମରି ସୁବାସ।

**–ସଂଗ୍ରାମ କେଶରୀ ସାହୁ, ଧୂଆମଡ଼ା, ଗଣିଆ, ନୟାଗଡ଼**

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ–ମେଲ୍ ଠିକଣା: chhutidinadharitri@gmail.com




# ଏଇ ଫୁର୍‌ସତ୍‌ରେ

**ଦିନଥିଲା ମଣିଷ ଟିକେ ଅବସର ସମୟ ପାଇଁ ତରସି ଯାଉଥିଲା। କାମର ଚାପରେ ଅନ୍ତର୍ନିହିତ ଇଚ୍ଛାସବୁ ଦବି ରହି ଯାଉଥିଲା। ହେଲେ ଏବେ ଏହି ମହାମାରୀ ପାଇଁ ଅନେକଙ୍କର କାମଦାମ ବନ୍ଦ । ଘରେ ବସି ରହିଛନ୍ତି ଅନେକେ । ପାଖରେ ସମୟ ହିଁ ସମୟ । କିନ୍ତୁ ଅନିଶ୍ଚିତ ଭବିଷ୍ୟତକୁ ନେଇ ସମସ୍ତେ ଚିନ୍ତିତ। ବଢ଼ିଯାଇଛି ମାନସିକ ଚାପ ଓ ହତାଶା। ତଥାପି କିଛି ଲୋକ ଏହି ବିଷମ ପରିସ୍ଥିତି ଆଗରେ ହାର୍ ମାନିନାହାନ୍ତି। ବରଂ ଏହି ସମୟର ସଦୁପଯୋଗ କରି କିଛି ନୂଆ କରିବାକୁ ଆଗେଇ ଆସିଛନ୍ତି...**




**କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ଗୁରୁ:**କେନ୍ଦୁଝର ଜିଲାର ଗୁରୁ ଦାସ, ଜଣେ ନୃତ୍ୟଗୁରୁ ସହ ଅଭିନେତା ବି। ବିଭିନ୍ନ ଟିଭି ସିରିୟଲରେ କାମ କରିବା ସହ ଦୀର୍ଘବର୍ଷ ଧରି ସେ ମଞ୍ଚ ସହିତ ଜଡ଼ିତ ଅଛନ୍ତି। ସେଥିପାଇଁ ବୋଧେ କଳାକୁ ନିଶା ଓ ପେସା ଭାବରେ ଗ୍ରହଣ କରି ଆସିଥିବା ଗୁରୁ ଦାସ କରୋନା କଟକଣା ସମୟରେ ଚୁପ୍ ବସି ପାରି ନ ଥିଲେ। ଆଉ ଆରମ୍ଭ କରିଥିଲେ ଏକ ନୂଆ ଅଧ୍ୟାୟ। ଚେଷ୍ଟା କଲେ କ୍ଷୁଦ୍ର ସିନେମା ନିର୍ମାଣ କରିବାକୁ। ନିଜର ନୃତ୍ୟକଳା ସଂସ୍ଥା କେନ୍ଦୁଝରର 'ବର୍ଷା ସଙ୍ଗୀତ ଓ ନୃତ୍ୟ ଅଭିନୟ ଅନୁଷ୍ଠାନ' ଦ୍ୱାରା ନିର୍ମାଣ କଲେ ଅନେକ କ୍ଷୁଦ୍ର ଚଳଚ୍ଚିତ୍ର। ଏଥିରେ ସେ ନିଜ ଜିଲାର କଳାକାରଙ୍କୁ ଅଭିନୟର ସୁଯୋଗ ଦେଲେ । ଫଳରେ ଅନେକ ନୂଆ ପ୍ରତିଭା ସାମ୍ନାକୁ ଆସିପାରିଲେ। ଏହିସବୁ କ୍ଷୁଦ୍ର ଚଳଚ୍ଚିତ୍ରର କାହାଣୀ ପରିକଳ୍ପନା ସେ ନିଜେ କରିବା ସହ ସଙ୍ଗୀତ ନିର୍ଦ୍ଦେଶନା ନିଜେ ଦେଇଛନ୍ତି। ନିଜେ ଅଭିନୟ ବି କରିଛନ୍ତି। ନିର୍ଦ୍ଦେଶନା ସତ୍ୟ ପ୍ରକାଶ ସାହୁ ଦେଇଥିବାବେଳେ ସମ୍ପାଦନା ଦାୟିତ୍ୱ ତୁଲାଇଛନ୍ତି ଟୁଲୁ ପ୍ରହରାଜ। ତାଙ୍କ କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକରେ ବିଶେଷକରି ସାମ୍ପ୍ରତିକ ଘଟଣାବଳୀ ସ୍ଥାନ ପାଇଥାଏ, ଯେମିତିକି ନିଶାଶକ୍ତ ସ୍ୱାମୀ କିପରି ମାନସିକ ଭାରସାମ୍ୟ ହରାଇ ସ୍ତ୍ରୀ ଓ ପିଲାଙ୍କୁ ହତ୍ୟା କରୁଛି, ସରକାରୀ ସହାୟତା ନ ପାଇ କଳାକାର କିପରି ଦୁର୍ଦ୍ଦିନରେ ଜୀବନ କାଟୁଛି, ଟେଙ୍କ ଓ ଭୂତପ୍ରେତ ଭଳି ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଲୋକେ କିଭଳି ଅଘଟଣ ଘଟାଉଛନ୍ତି, ନିଶା ନିବାରଣ, ଭଣ୍ଡବାବାଙ୍କ କଳାକାମ ଆଦି। ଏହି ସବୁ ଘଟଣାବଳୀକୁ ନେଇ ସେ ଇତିମଧ୍ୟରେ ପାଞ୍ଚୋଟି ସଚେତନତାମୂଳକ କ୍ଷୁଦ୍ର ଚଳଚିତ୍ର ନିର୍ମାଣ କରିଛନ୍ତି। ସେଗୁଡିକ ହେଉଛି 'ଅପଦାର୍ଥ', 'ଅସଭ୍ୟ', 'ହଁ ହଁ ଭୂତ ଦେଖିଛି', 'ନଷ୍ଟ ଚରିତ୍ର' ଆଦି। ଏହିସବୁ କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକର ଅବଧି ହେଉଛି ୧୨ ମିନିଟ୍। ଆଜି ଏହି କାମ ପାଇଁ ଗୁରୁଙ୍କର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିଛି। ତାଙ୍କର ଏହି ପ୍ରୟାସକୁ ବରିଷ୍ଠ କଳାକାର ନିର୍ମଳ ନାୟକ ଭୁରି ଭୁରି ପ୍ରଶଂସା କରିଛନ୍ତି। ତାଙ୍କ ମତରେ ଏହି କ୍ଷୁଦ୍ର ଚଳଚ୍ଚିତ୍ରଗୁଡିକରେ ଅଭିନୟ କରୁଥିବା କଳାକାରମାନେ ନିଶ୍ଚୟ ଏକ ନୂତନ ଦିଗଦର୍ଶନ ପାଇବେ। ଆଉ ଏହି ଅଭିଜ୍ଞତା ଆଗାମୀ ଦିନରେ ସେମାନଙ୍କୁ ସିନେମାରେ କାମ କରିବା ପାଇଁ ଏକ ସୁଯୋଗ ସୃଷ୍ଟି କରିପାରିବ। ଗୁରୁ ଦାସ ଏହି ସମୟରେ ହାସ୍ୟରସାତ୍ମକ କ୍ଷୁଦ୍ର ନାଟକ ବି କରୁଛନ୍ତି।

**ତିଆରି କଲେ ମାନବ ବିଶୋଧନ ସିଞ୍ଚନ ଯନ୍ତ୍ର :**କରୋନା ଆତଙ୍କରେ ଏବେ ମଣିଷ ଆଉ ଜଣେ ମଣିଷକୁ ଛୁଇଁବାକୁ ଡରୁଛି। ଏମିତିକି ଅସୁବିଧାରେ ପଡିଥିବା ଲୋକକୁ ଛୁଇଁ ସାହାଯ୍ୟ କରିବାକୁ ଲୋକେ ଆଗଉ ନାହାନ୍ତି। ସ୍ଥିତି ଏମିତି ଯେ, ଡାକ୍ତର ବି ଅନ୍ୟ ରୋଗରେ ପୀଡ଼ିତ ଲୋକଙ୍କୁ ଛୁଇଁ ଚିକିତ୍ସା କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। କାରଣ ଏହି ମହାମାରୀ ପାଇଁ ଭାକ୍ସିନ କିମ୍ବା ଔଷଧ ଏ ଯାଏ ଆସି ନାହିଁ। ଏମିତି ସ୍ଥିତିରେ ବାସୁଦେବପୁର ପୌରପାଳିକା ୧୬ ନଂ ୱାର୍ଡ଼ର ସେକ୍ ତାଜଉଦ୍ଦିନ(ସକିଲ) ଲୋକଙ୍କ ଉପକାରରେ ଆସିପାରିବା ଭଳି ଜିନିଷ ତିଆରି କରିବାକୁ ଚାହିଁଥିଲେ। ଆଉ ମିଳିଥିବା ଖାଲି ସମୟର ସଦୁପଯୋଗ କରି ସେ ତିଆରି କଲେ ମଣିଷ ଶରୀରକୁ ମାତ୍ର କେଇ ସେକେଣ୍ଡରେ ବିଶୋଧନ କରିପାରୁଥିବା ଏକ ସିଞ୍ଚନ ଯନ୍ତ୍ର। ଏହି କାମରେ ତାଙ୍କ ମାଉସୀ ପୁଅ ବି ସହଯୋଗ କଲେ। କିଛି ସାଧାରଣ ଜିନିଷ ଯେମିତିକି ଏକ ଅଧା କିଲୋୱାଟ୍‌ର ମୋଟର, ମୋବାଇଲ ଚାର୍ଜର, ସେନ୍ସର, କିଛି ଓୟାରିଂ, ପ୍ଲାଷ୍ଟିକ୍ ପାଇପ ଆଦିକୁ ବ୍ୟବହାର କରି ସେ ଏହି ସିଞ୍ଚନ ଯନ୍ତ୍ର ତିଆରି କରିଛନ୍ତି। ସେନ୍ସର ଓ ମୋଟର ଦ୍ୱାରା ଚାଳିତ ଉକ୍ତ ଯନ୍ତ୍ରରେ ସେ ପ୍ରାକୃତିକ ବିଶୋଧନ ଦ୍ରବଣ ବ୍ୟବହାର କରିଛନ୍ତି। ଏହି ଦ୍ରବଣ ପାଇଁ ଘି କୁଆଁରି, ଇଥାଇଲ ଆଲକୋହଲ, ଭିଟାମିନ-ଇ, ଗୋଲାପ ଜଳ ଓ ପାଣି ବ୍ୟବହାର କରାଯାଏ। ଯାହା ପ୍ରକୃତିରୁ ସହଜରେ ବହୁଳ ପରିମାଣରେ ମିଳିଥାଏ। ୬ ଫୁଟ ଉଚ୍ଚତା ଓ ୩.୫ ଫୁଟ ଓସାର ଏହି ସିଞ୍ଚନ ଯନ୍ତ୍ରରେ ମଣିଷ ପ୍ରବେଶ କରିବା ମାତ୍ରେ ସେନ୍ସର ଦ୍ୱାରା ସିଞ୍ଚନ ଆରମ୍ଭ ହୋଇଥାଏ। ବାହାରକୁ ବାହାରି ଗଲେ ଆପେ ଆପେ ଏହା ବନ୍ଦ ହୋଇଯାଏ। ଏହାକୁ ଚଳାଇବା ପାଇଁ କୌଣସି ସୁଇଚ୍‌ର ଆବଶ୍ୟକତା ନାହିଁ। ଜଣେ ବ୍ୟକ୍ତିଙ୍କୁ ସିଞ୍ଚନ ଦ୍ୱାରା ବିଶୋଧନ କରିବା ପାଇଁ ଏଥିରେ ମାତ୍ର ଦୁଇ ସେକେଣ୍ଡ ଲାଗିଥାଏ। ମୋଟର ଚଳାଇବା ପାଇଁ ବିଦ୍ୟୁତ୍ ଶକ୍ତି ଆବଶ୍ୟକ ହେଉଥିବା ବେଳେ ଆବଶ୍ୟକ ସ୍ଥଳେ ବ୍ୟାଟେରି ଦ୍ୱାରା ମୋଟର ଚାଲିଥାଏ। ଏହି ଯନ୍ତ୍ର ତିଆରି କରିବା ପାଇଁ ୧୦ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ମାତ୍ର ୩ ଦିନ ସମୟ ଲାଗିଥିଲା। ତେବେ ଉକ୍ତ ଯନ୍ତ୍ର ତିଆରି କରିଥିବା ତାଜଉଦ୍ଦିନଙ୍କର ଶିକ୍ଷାଗତ ଯୋଗ୍ୟତା ମାଟ୍ରିକ। ଆଉ ସେ ପେସାରେ ଜଣେ ଇଲେକ୍ଟ୍ରିକାଲ ମିସ୍ତ୍ରି। ଅଧିକ ପଢ଼ି ନ ଥିଲେ ହେଁ ନିଜର ଅଭିଜ୍ଞତା ଓ ବୁଦ୍ଧି ଖର୍ଚ୍ଚ କରି ସେ ଏହି ଯନ୍ତ୍ର ତିଆରି କରିବାରେ ସଫଳ ହେଲେ।

**ଶର୍ମିଷ୍ଠାଙ୍କ ଲେଗ୍ ଅପରେଟେଡ୍ ସାନିଟାଇଜର ଷ୍ଟାଣ୍ଡ:**କରୋନା ଜନିତ ଲକ୍ ଡାଉନ ଯୋଗୁ ଗତ ୫ ମାସ ହେଲା ସ୍କୁଲ ବନ୍ଦ ରହିଛି। ତେଣୁ ଅନ୍ ଲାଇନ୍ କ୍ଲାସ୍ ପରେ ମିଳୁଥିବା ସମୟକୁ କେତେକ ଛାତ୍ରୀଛାତ୍ର ଘରେ ବସି କାର୍ଟୁନ୍ ଦେଖିବା ସହ ବିଭିନ୍ନ ଖେଳ ଖେଳି ଅତିବାହିତ କରୁଛନ୍ତି। କିନ୍ତୁ ପାରାଦୀପ ନୂଆ ବଜାରର ଛାତ୍ରୀ ଶର୍ମିଷ୍ଠା ପ୍ରିୟଦର୍ଶିନୀ ପାତ୍ର ନିଜର ବହୁମୂଲ୍ୟ ସମୟକୁ ଅଯଥା ନଷ୍ଟ ହେବାକୁ ଦେଇ ନାହାନ୍ତି। ବରଂ ସେ ଏହାର ସଦୁପଯୋଗ କରି ତିଆରି କରିଛନ୍ତି ଗୋଡ ଦ୍ୱାରା ଚାଳିତ ସାନିଟାଇଜର୍ ଷ୍ଟାଣ୍ଡ। ଏହାକୁ ତିଆରି କରିବା ପାଇଁ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଷଷ୍ଠ ଶ୍ରେଣୀରେ ପଢୁଥିବା ଶର୍ମିଷ୍ଠା ଘରେ ଥିବା ପୁରୁଣା ଅଦରକାରୀ ସାମଗ୍ରୀ ବ୍ୟବହାର କରିଛନ୍ତି। ଯେମିତିକି ପୁରୁଣା ଷ୍ଟାଣ୍ଡ ଫ୍ୟାନ୍‌ର ଲୁହା ଷ୍ଟାଣ୍ଡ, ସ୍ପ୍ରିଙ୍ଗ, କାଠପଟା, ପରିବା ଚୋପା ଛଡାଯାଉଥିବା ପିଲର୍ ଆଦି। ଆଉ ଏହାକୁ ସେ ନିଜ ଘରର ପ୍ରବେଶ ପଥରେ ରଖିଛନ୍ତି। ବାହାରୁ ଘରକୁ ଫେରିବା ବେଳେ ଘରଲୋକ ସେହି ସାନିଟାଇଜର ଷ୍ଟାଣ୍ଡକୁ ଗୋଡ଼ରେ ଚାପି ଦେଲେ ସେଥିରୁ ସାନିଟାଇଜର୍ ଆପେ ବାହାରିଯାଏ, ଯାହାକୁ କେବଳ ହାତ ଦେଖାଇ ସଂଗ୍ରହ କରିବାକୁ ହୁଏ। ଏହାଛଡା ସାନିଟାଇଜର୍ ସ୍ପ୍ରେ ବଟଲକୁ ଷ୍ଟାଣ୍ଡରେ ରଖି ଗୋଡରେ ଅପରେଟ୍ କଲେ ସାନିଟାଇଜର୍ ସାରା ଶରୀରରେ ସ୍ପ୍ରେ ହୋଇଯାଏ। ଶର୍ମିଷ୍ଠାଙ୍କର ଏହି ପ୍ରୟାସ ସତରେ ପ୍ରଶଂସନୀୟ।

ଶେଷରେ ଏତିକି କୁହାଯାଇପାରେ, ଯେକୌଣସି ପରିସ୍ଥିତିରେ ବି ମଣିଷ ହତାଶ ନ ହୋଇ କିମ୍ବା ହାରି ନ ଯାଇ ସବୁବେଳେ ସକାରାତ୍ମକ ଚିନ୍ତାଧାରା ରଖି ଆଗେଇପାରିଲେ ହିଁ ଜଟିଳ ସ୍ଥିତି ବି ସରଳ ଲାଗିବ।

**-ଶିବାନୀ ମହାନ୍ତି**
**ନରେଶ ଚନ୍ଦ୍ର ପଟ୍ଟନାୟକ,**
**ବିଭୁ ପ୍ରସାଦ ବେହେରା, ଶରତ କୁମାର ରାଉତ**


ସେକ୍ ତାଜଉଦ୍ଦିନଙ୍କ ସିଞ୍ଚନ ଯନ୍ତ୍ରକୁ ସ୍ଥାନୀୟ ତହସିଲଦାର ଦେଖୁଛନ୍ତି


ଶର୍ମିଷ୍ଠା


ଗୁରୁ ଦାସ

(ପାଞ୍ଚଟି ଏକପଦୀ)

# ତୁମେ ଆଉ ମୁଁ

– ପ୍ରବୀଣ କୁମାର କବି

୧. ତୁମେ ଅଖଣ୍ଡ କାଳଖଣ୍ଡ
ମୁଁ ଖଣ୍ଡିତ ମୁହୂର୍ତ୍ତ,
ତୁମ ଅସୀମ ବ୍ୟାପ୍ତିରେ
ମୁଁ ଖୋଜେ ମୋ
ଅସ୍ତିତ୍ୱ...

୨. ମୁଁ ଅଝଟ ପ୍ରାର୍ଥନା
ତୁମେ ଅବୋଧ ଈଶ୍ୱରୀ,
ମୁଁ ନିର୍ବାଣର ପଥ
ତୁମେ ସ୍ୱପ୍ନ
ଆଶାବରୀ...

୩. ମୁଁ ବିଷଣ୍ଣ ଗୋଧୂଳି
ତୁମେ ସ୍ୱର୍ଣ୍ଣାଭ ସକାଳ,
ମୁଁ ଅନ୍ଧାର ଆଉଁସେ
ତୁମେ ଆଲୁଅ
ସଂଖୋଳ...

୪. ତୁମେ ଆଷାଢ଼ ଆକାଶ
ମୁଁ ବୈଶାଖର ତାତି,
ତୁମ ଆଖି ଓଦା ହେଲେ
ମୁଁ ଲେଖେ ମୋର
ଇତି...

୫. ତୁମେ ପ୍ରେମ ପୂଜାରିଣୀ
ମୁଁ ସମ୍ପର୍କ ରଙ୍କୁଣା,
ତୁମ ପ୍ରେମ ସରିଯାଏ
ମୋ ସମ୍ପର୍କ
ସରେନା...।

–ସମ୍ପାଦକ, ବଣମାଳୀ
ମଦନପୁର, କେନ୍ଦୁଝର
ମୋ:୭୬୦୯୦୭୭୦୨୩

# ବିରହ ବେଦନା

–କ୍ଷମାନିଧି ଭୋଇ

ଏବେ ମୁଁ ଏକା ଏକା ଏଠି
ତୁମେ ସେଠି
କାହିଁ କେତେ ଦୂରେ।

କେମିତି ଜାଣିବ କୁହ
ମୁଁ ନିତି ଏଠି
କେମିତି ମରି ମରି ବଞ୍ଚେ
କେବଳ ତୁମରି ବିରହେ।

ତା’ ବୋଲି ତ
ଆଜି ମୁଁ ପାଲଟି ଯାଇଚି
ଅଲୋଡ଼ା ଜୀବନ୍ତ ଶବଟିଏ ।

ପାରୁଛ ଯଦି ଆସ !
ଆଉ ଭରିଦିଅ ମିଠା ମିଠା ସ୍ୱାଦ
ଅବସାଦଗ୍ରସ୍ତ ମୋ ଫିକା ଫିକା ଜୀବନେ।

– ଗୋଷ୍ଠୀ ଉନ୍ନୟନ ଅଧିକାରୀ,
ବଡ଼ଗାଁ, ସୁନ୍ଦରଗଡ଼
ମୋ–୯୪୩୮୨୯୨୯୩୩

# ମରମ ତଳେ

–ରଜତ ମହାନ୍ତି

ହୁଏତ ତୋ କୋଳେ
ମରିବାକୁ ଆଜି
ଏ ପାଇଁ ହେଉଛି ମନ,
କେଉଁଠି ପାଇବି
ଏମିତି ଯନ୍ତ୍ରଣାହୀନ।

–ବଳଗଣ୍ଡି, ପୁରୀ
ମୋ–୮୯୦୮୦୬୬୫୬୨

# ହ୍ୱାଟସ୍‌ ଆପ୍‌...



–ସୁଧାଂଶୁ ଶେଖର ବଳ

ଏଥର ପୂଜା ଛୁଟିରେ ଘରକୁ ଯାଇଥିଲୁ ମୁଁ ଆଉ ମୋ ସ୍ତ୍ରୀ ଲିଙ୍କି। କଟକିଆ ହୋଇଥିବାରୁ ଦୁର୍ଗା ପୂଜା କେବେ ମିସ୍ ହୁଏନା, ଯେତେ ଅଫିସ୍ କାମ ଥିଲେ ବି ଦୁର୍ଗାପୂଜାରେ ଘରକୁ ଯିବା ନିଶ୍ଚିତ।

ବେସ୍ ଭଲଭାବେ ପୂଜାଛୁଟି କଟିଲା। ଆଉ ତା’ଉପରେ ବୋଉର ସୁଆଦିଆ ହାତ ପରଷା ଖାଇବା ଖାଇ ଆସିବାକୁ ଇଚ୍ଛା ହଉ ନ ଥାଏ। କଥାରେ ଅଛି ପରା ଘର ହିଁ ସ୍ୱର୍ଗ। ବିଦେଶରେ ଯାଇକି ରହିଲେ ବି ସେ ଖୁସି ମିଳିବା କଷ୍ଟକର। କିନ୍ତୁ ମୋ ସ୍ତ୍ରୀ ଲିଙ୍କି ବେଶିଦିନ ଘରେ ରହିବାକୁ ପସନ୍ଦ କରେ ନାହିଁ। ଏଥର ପୂଜାଛୁଟିରେ ଘରେ ଥିଲା ବେଳେ ଦେଖିଲି ଯେ, ବାପାଙ୍କର ମୋବାଇଲ୍ ଫୋନଟି ଅଧାଭଙ୍ଗା ଅବସ୍ଥାରେ। ସ୍କ୍ରିନରେ ହଜାରେ ସ୍କ୍ରାଚ୍, ଠିକ୍ ସେ ଆଉ ଚାର୍ଜ ନଉନି। ଭାବିଲି ନୂଆ ଆଣ୍ଡ୍ରଏଡ ମୋବାଇଲ୍ କିଣି ଦେଇଯିବି ଏଥର। ଲିଙ୍କି ବି ମୋ କଥାରେ ଏକମତ ହେଲା। କିନ୍ତୁ ବାପା ଆମର ଟିକେ ପୁରୁଣା କାଳିଆ ଲୋକ ତାଙ୍କର ସେଇ ତ୍ରେତୟା ଯୁଗ ନୋକିଆ ମୋବାଇଲ ଜିନ୍ଦାବାଦ।

ସନ୍ଧ୍ୟାରେ ସ୍ୱାମୀ–ସ୍ତ୍ରୀ ଦୁହେଁ ମାର୍କେଟ ବାହାରିଗଲୁ। କଟକର ଗୋଟେ ଭଲ ମୋବାଇଲ ଷ୍ଟୋରରେ ଯାଇ ଅନେକ ନୂଆନୂଆ ଆଣ୍ଡ୍ରଏଡ ସେଟ୍ ଦେଖିଲୁ। ଶେଷରେ ସ୍ଥିର କରିଲୁ ଯେ ବାପାବୋଉ ଦୁଇଜଣଙ୍କ ପାଇଁ ଦୁଇଟା ଆଣ୍ଡ୍ରଏଡ ସେଟ୍ ନେଇକି ଯିବୁ। ବାପା ବେଳେବେଳେ କୋଉ କାମରେ ବାହାରକୁ ଯାଇଛନ୍ତି, ବୋଉ ପାଖରେ ମୋବାଇଲଟେ ଥିଲେ ସୁବିଧା ଅସୁବିଧାରେ ଦରକାର ପଡ଼ିବ। ଏଥର ଘରକୁ ୨ଟି ଆଣ୍ଡ୍ରଏଡ ନେଇ ଆସିଲୁ।

ମୋବାଇଲଟି ଦେଖି ଆଗେ ତ ବୋଉ କିଛି ସମୟ ଯାଏଁ ଗରଗର ହେଲା। ରୋଷେଇ ଘରୁ କହୁଥିଲା ଯେ, କାହିଁକି ପଇସା ଏତେ ଖର୍ଚ୍ଚ କରୁଛୁ। ହେଲେ ଭିତରେ ଭିତରେ ସେ କୋଉଠି ନା କୋଉଠି ଭାରି ଖୁସି ଥିଲା, ମୁଁ ତା’ ଆଖିରୁ ପଢି ସାରିଥିଲି। ଏଥର ବେଳ ଆସିଯାଇ ଥିଲା ମୋବାଇଲ ଶିକ୍ଷା ଯୋଗେଇ ଦେବା ପାଇଁ। ଲିଙ୍କି ବାପାବୋଉ ଦୁଇଜଣଙ୍କୁ ଆଣ୍ଡ୍ରଏଡ ମୋବାଇଲ କେମିତି ବ୍ୟବହାର କରାଯାଏ ଖୁବ ଭଲଭାବେ ଶିଖେଇ ଦେଲା। କିନ୍ତୁ ମୁଁ ମାର୍କ କରିଥାଏ, ବୋଉର ଆଗ୍ରହ ବେଶିଥିଲା। ସେଦିନ ବୋଉ ପଡିଶା ଘରକୁ ଯାଇଥିଲା ସେଠୁ ଶୁଣି ଦେଇଆସିଛି ହ୍ୱାଟସ୍ ଆପ ବିଷୟରେ। ଆ ଜି ମତେ ଖାଇଲାବେଳେ ପଚାରୁଥିଲା ଆରେ ଏ ହ୍ୱାଟସ୍ ଆପ୍ କ’ଣ, ମତେ ଟିକେ ଶିଖେଇ ଦିଅନ୍ତୁନି। ମିଶ୍ରବାବୁଙ୍କ ଝିଅ ଜୁଲି କହୁଥିଲା କୁଆଡେ ହ୍ୱାଟସ୍ ଆପ୍‌ରେ ଭିଡ଼ିଓ କରି ସାମ୍ନା ଲୋକକୁ ଦେଖିହବ, କଥା ହେଇହବ। ମୁଁ ହସି ଦେଇ କହିଲି ହଉ ବୋଉ ଆଉ ଅଳ୍ପଦିନ ରହିଲା ଆମ ଫେରିଯିବାକୁ, ମୁଁ ଲିଙ୍କିକୁ କହିବି ତତେ ଶିଖେଇଦବ।

ଏଥର ଆରମ୍ଭ ହେଇଗଲା ହ୍ୱାଟସ୍ ଆପ୍ ଅଭିଯାନ। ବୋଉ ଡେଲି ସକାଳ ସନ୍ଧ୍ୟାରେ ଲାଗି ଲିଙ୍କିଠୁ ଶିଖୁଥିଲା। କେଇଟା ଦିନରେ ପୂରା ପାରଙ୍ଗମ, ଭିଡିଓ କଲ୍‌ଠୁ ଆରମ୍ଭ କରି ଚାଟ୍ କରିବାଯାଏଁ। ପୂଜାଛୁଟି ସରି ଆସିଲା, ଆମେ ଦୁହେଁ ଫେରି ଆସିଲୁ ପୁଣେ। ଏବେ ଡେଲି ସକାଳୁ ଆଉ ବୋଉ ନର୍ମାଲ କଲ୍ କରୁନି ସିଧା ଭିଡିଓ କିମ୍ବା ଅଡିଓ କଲ୍ କରିଦଉଛି ହ୍ୱାଟସ୍ ଆପ୍‌ରେ। ବେଳେବେଳେ ଲିଙ୍କି ସହିତ ଚାଟ୍ ବି କରୁଛି।

କିଛିଦିନ ହବ ମୁଁ ଲିଙ୍କିର ସ୍ୱଭାବ ବଦଳିବା ଦେଖୁଛି। ବୋଉ ଟିକେ ସକାଳୁ ସକାଳୁ ହ୍ୱାଟସ୍ ଆପ କରିଦଉଛି କିମ୍ବା ଅଫିସ ସମୟରେ ତାକୁ ଅଡିଓ କଲ୍ କରିଦଉଛି ବୋଲି ଲିଙ୍କି ଖୁବ୍ ଚିଡୁଛି। ଦୁଇ ଦିନ ତଳେ ଲିଙ୍କି କହୁଥିଲା କୁଆଡେ ମୋ ବୋଉ ତା’ ନିଦ ଖରାପ କରୁଛନ୍ତି ସକାଳୁ ସକାଳୁ। ସବୁବେଳେ ଫୋନ କରୁଛନ୍ତି ତାକୁ। ସେ ବହୁତ ଡିଷ୍ଟର୍ବ ହଉଛି।

କାଲିର ଘଟଣାର ମତେ ଖୁବ୍ ଆଘାତ ଦେଇଛି, ବୋଉକୁ ଲିଙ୍କି ବ୍ଲକ ଲିଷ୍ଟରେ ପକେଇ ଦେଇଛି। କାଲିଦିନ ସାରା ବୋଉ ଯେତେ କଲ୍ କରି କରି ଲାଗି ନାହିଁ। ସନ୍ଧ୍ୟାରେ ମତେ କଲ୍ କରି ପଚାରୁଥିଲା, ବୋହୂ ଦେହ ଭଲ ନାହିଁ କିରେ, ଆଜି ବହୁତ ଥର ଫୋନ୍ ଚେଷ୍ଟା କରିଛି ହେଲେ, କ’ଣ ଗୋଟେ ଇଂଲିଶରେ କହି କଟି ଯାଉଛି। ବାପା କିନ୍ତୁ ଠିକ୍ ବୁଝି ସାରିଥିଲେ। ଆଉ ବୋଉର କେତେଦିନ ହବ କଲ ନାହିଁ। ମୁଁ ବ୍ୟସ୍ତ ହେଇ ଆଜି ଫୋନ କରିଥିଲି ବାପାଙ୍କୁ, ପଚାରିଲି ଯେ ବୋଉ କାହିଁକି ଆଉ କଲ୍ କରୁନି, ବୋଉ ବାପାଙ୍କଠୁ ଫୋନ ନେଇ କହିଲା, ଧନରେ ଆଉ ମତେ ସେ ହ୍ୱାଟସ୍ ଆପ ଭଲ ଲାଗୁନାହିଁ, ମନ ପୂରିଗଲା। ସେ ମୋବାଇଲଟା ମୁଁ ସେଇ ମୋବାଇଲ ଖୋଳରେ ପୂରେଇକି ରଖି ଦେଇଛି। ଏଥର ଆସିଲେ ନେଇଯିବୁ, ଏଇ ବାପାଙ୍କ ମୋବାଇଲରେ କାମ ଚଳି ଯିବ ମ। ଫୋନ୍‌ଟି କଟିଗଲା, ବୋଉର ସେଇ କେଇ ପଦ କଥା ମୋ କାନରେ ବାରମ୍ବାର ପ୍ରତିଧ୍ୱନି ହଉଥିଲା।

–କାଭେରପ୍ପା ଲେଆଉଟ୍, ବାଙ୍ଗାଲୋର
ମୋ–୮୦୯୫୩୭୭୧୪୬



ଦେବଯାନୀ-ସବ୍ୟସାଚୀ

# ଦିନ ଗଣୁଛନ୍ତି ସମ୍ବିତ

ଏବେ ସମ୍ବିତ ନାୟକ ଦିନ ଗଣିବା ଆରମ୍ଭ କରିଦେଇଛନ୍ତି। କାରଣ ଲକ୍‌ଡାଉନ ପରେ ତାଙ୍କ ଅଭିନୀତ 'ଇନ୍ଦ୍ରଜାଲ' ରିଲିଜ ହେବ। ଏକ ରହସ୍ୟମୟ କାହାଣୀକୁ ନେଇ ପ୍ରସ୍ତୁତ ଏହି ସିନେମାର ପୋଷ୍ଟ ପ୍ରଡକ୍ସନ କାମ ଚାଲୁ ରହିଛି। ଏହି ଫିଲ୍ମ ସମ୍ପର୍କରେ ସମ୍ବିତ କହନ୍ତି, 'ମଣିଷ ଜୀବନରେ ଅନେକ ଘଟଣା ଘଟିଥାଏ। ବେଳେବେଳେ ସେହି ଘଟଣା ମଧ୍ୟରୁ କେତେକ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରେ। ଆଉ ତାହାର ଆଶାତୀତ ଦଣ୍ଡ ଭୋଗିବାକୁ ମଧ୍ୟ ପଡ଼ିଥାଏ। ସେପରି ଏକ ରହସ୍ୟମୟ କାହାଣୀକୁ ଆଧାର କରି ଫିଲ୍ମଟି ନିର୍ମିତ ହୋଇଛି। ଏହା ଦର୍ଶକଙ୍କୁ ସବୁ ଦୃଷ୍ଟିରୁ ଏଣ୍ଟରଟେନ କରିବ ବୋଲି ଆଶା ରଖିଛି। କେବଳ ରିଲିଜକୁ ହିଁ ଅପେକ୍ଷା।' ଆର.ଆର. ଇଭେଣ୍ଟସ ବ୍ୟାନରରେ ଚିତ୍ରଟିର ପ୍ରଯୋଜନା କରିଛନ୍ତି ଓଲିଉଡ୍‌ର ଅନ୍ୟତମ ପ୍ରଯୋଜକ ରମେଶ ବାରିକ। ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ପିନୁ ନାୟକ। ଅପରପକ୍ଷରେ ସଂଳାପ ରଚନା କରିଛନ୍ତି ଡ. ରଜନୀ ରଞ୍ଜନ। ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଏଥିରେ ସମ୍ବିତଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଦେବଯାନୀ। ଅନ୍ୟପକ୍ଷରେ ପ୍ରଦ୍ୟୁମ୍ନ ଲେଙ୍କା, ଟୋପି ମିଶ୍ର, ସୁଜିତ ପାଇକରାୟ, ମୁନମୁନ୍, ବନ୍ଦନା, ରାଜଲକ୍ଷ୍ମୀ, ମାନସ, କମଲ ଏବଂ ପୃଥ୍ୱୀରାଜ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।



ଜାହ୍ନବୀ

# ଅକ୍ଷୟଙ୍କ ସଜବାଜ


ଏବେ ତ କରୋନା ମହାମାରୀ ପାଇଁ ଶୁଟିଂ ବନ୍ଦ ଅଛି। ତଥାପି କେତେଜଣ ପ୍ରଯୋଜକ ସେମାନଙ୍କର ଆଗାମୀ ସିନେମାର ଶୁଟିଂ ଖୁବ୍ ଶୀଘ୍ର ବିଦେଶ ମାଟିରେ ଆରମ୍ଭ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଇତିମଧ୍ୟରେ ଅକ୍ଷୟ କୁମାର ମଧ୍ୟ ନିଜ ନାମକୁ ସେଥିରେ ସାମିଲ କରିଛନ୍ତି। କାରଣ ସେ ଅଭିନୟ କରିବାକୁ ଯାଉଥିବା ଏକ ତାମିଲ ରିମେକ୍ ଫିଲ୍ମର ଶୁଟିଂ ଆସନ୍ତା କିଛି ସପ୍ତାହ ମଧ୍ୟରେ ସ୍କଟ୍‌ଲାଣ୍ଡରେ ଆରମ୍ଭ ହେବାକୁ ଯାଉଛି ବୋଲି ଏହାର ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଏ ନେଇ ଅକ୍ଷୟ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଚିତ୍ରଟିର ଟାଇଟଲ ରହିଛି 'ବେଲ୍ ବଟମ୍'। ହରର୍-କମେଡିଭିତ୍ତିକ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ ରାଘବ ଲରେନ୍ସ। ଏଥିରେ ଅକ୍ଷୟଙ୍କ ଅପୋଜିଟ୍‌ରେ ଅଛନ୍ତି କିଆରା ଆଡୱାନି। ଯେଉଁ ଫିଲ୍ମରୁ ଏହାର ରିମେକ ହେଉଛି ତାହାର ଟାଇଟଲ ଥିଲା 'ମୁନି ୨ : କାଞ୍ଚନା'। 'ବେଲ୍ ବଟମ୍' ର ଶୁଟିଂ ଚଳିତ ମାସରୁ ହିଁ ଆରମ୍ଭ ହୋଇଥାଆନ୍ତା ଏବଂ କରୋନା ପାଇଁ ତାହା ସମ୍ଭବ ହୋଇପାରିନାହିଁ। ଫିଲ୍ମଟି ଆସନ୍ତାବର୍ଷ ଏପ୍ରିଲ ମାସରେ ରିଲିଜ ହେବାର ଯୋଜନା ରହିଛି।

# ପ୍ରେମ ନୁହେଁ, କେବଳ ଆକ୍ଟିଂ

'ମୁଁ ଏଠାକୁ ପ୍ରେମ କରିବାକୁ ଆସିନାହିଁ। ଏକ କଳାକାର ପରିବାରରୁ ମୁଁ ଆସିଛି। ଯେତେବେଳେ ବଲିଉଡ୍‌ରେ ପାଦ ଦେଲି ସେତେବେଳେ ମୁଁ କେବଳ ଆକ୍ଟିଂ ପ୍ରତି ଧ୍ୟାନ ଦେବି ବୋଲି ମାଇଣ୍ଡ ମେକଅପ କରିସାରିଛି। ମୋତେ ନେଇ ଏବେ ଅନେକ ଆଲୋଚନା ହେଉଛି, ଯାହା ପଛରେ ଆଦୌ କିଛି ସତ୍ୟତା ନାହିଁ ବୋଲି କହିବୁଲୁଛନ୍ତି ଜାହ୍ନବୀ। କଥା କ'ଣ ଜାହ୍ନବୀ କପୁର ଏବେ ଜଣେ ଅଭିନେତାଙ୍କ ସହ ରୋମାନ୍ସରେ ମାତିଛନ୍ତି ବୋଲି ଚର୍ଚ୍ଚା ହେଉଛି। ଆଉ ଯେତେବେଳେ ଏହି କଥା ତାଙ୍କ କାନରେ ପଡ଼ିଲା ସେ ବା କେମିତି ନିଜକୁ ଥୟ ଧରି ରଖନ୍ତେ। କାଳ ବିଳମ୍ବ ନ କରି ଏ ନେଇ ସଫେଇ ଦେଇଛନ୍ତି ଏହି ନବାଗତା। ନିଜ କ୍ୟାରିୟର ବିଷୟରେ ସେ କହନ୍ତି, 'ଏଠି କିଏ କ'ଣ କହୁଛି ତାକୁ ଯଦି ମୁଁ ଧ୍ୟାନ ଦେବି ତେବେ ଆଗକୁ ଆଗେଇପାରିବି ନାହିଁ। ଖୁବ୍ ଶୀଘ୍ର ମୁଁ ୨-୩ଟି ନୂଆ ସିନେମାର ସାଇନ୍ କରିବାକୁ ଯାଉଛି। ତେଣୁ ମୋତେ ସବୁବେଳେ ଆକ୍ଟିଂ ଉପରେ ହିଁ କନ୍‌ସନ୍‌ଟ୍ରେଟ୍ କରିବାକୁ ପଡୁଛି। ମୋର କାହା ସହ ଆଫେୟାର୍ସ ଚାଲିଛି ବୋଲି ଯାହା ଆଲୋଚନା ହେଉଛି ତାହା ସମ୍ପୂର୍ଣ୍ଣ ଗୁଜବ।' ଜାହ୍ନବୀ ଅଭିନୟ କରିଥିବା 'ଗୁଞ୍ଜନ ସାକ୍‌ସେନା : ଦ କାରଗିଲ୍ ଗର୍ଲ' ରିଲିଜ ଅପେକ୍ଷାରେ ରହିଛି।

# ସେହି ଦଶ ଦିନ..

ଥରେ ମନେ ପକାନ୍ତୁନା ହୃତିକ ରୋଶନ ଏବଂ କ୍ୟାଟ୍ରିନା କୈଫ ଅଭିନୀତ 'ଅଗ୍ନିପଥ' ଫିଲ୍ମକୁ। ଏଥିରେ ଦୃଶ୍ୟାୟିତ 'ଚିକନି ଚମେଲି' ଗୀତଟି ବେଶ୍ ଶ୍ରୋତାଦୃତ ହୋଇଥିଲା। କ୍ୟାଟ୍ରିନାଙ୍କୁ ନେଇ ପିକ୍ଚରାଇଜେଶନ କରାଯାଇଥିବା ଏହି ଗୀତଟିର କୋରିଓଗ୍ରାଫି କରିଥିଲେ ବଲିଉଡ୍‌ର ଅନ୍ୟତମ ଆଗଧାଡ଼ିର କୋରିଓଗ୍ରାଫର ଗଣେଶ ଆଚାର୍ଯ୍ୟ। କଣ୍ଠଦାନ କରିଥିଲେ ଶ୍ରେୟା ଘୋଷାଲ। ହେଲେ ଉକ୍ତ ଗୀତଟିର ମୋଟ ଶୁଟିଂ କେତେ ଦିନ ଲାଗିଥିଲା ଜାଣନ୍ତି ? ଦଶ ଦିନ। ଏ ନେଇ କ୍ୟାଟ୍ରିନା କହନ୍ତି, 'ଏହି ଗୀତଟିକୁ କିପରି ସୁନ୍ଦର ଭାବରେ ସ୍କ୍ରିନ୍‌ରେ ପ୍ରେଜେଣ୍ଟ କରାଯିବ ସେଥିପାଇଁ କୋରିଓଗ୍ରାଫର ସ୍ୱତନ୍ତ୍ର ପ୍ଲାନିଂ କରିଥିଲେ। ଗୀତଟିର ଶୁଟିଂ ପାଇଁ ନିର୍ଦ୍ଧାରିତ ଦିନଠାରୁ କିଛି ଦିନ ଅଧିକ ଲାଗିବ ବୋଲି ସେ ସୂଚନା ଦେବା ପରେ ପ୍ରଯୋଜକ କରନ୍ ଜୋହର ଏବଂ ନିର୍ଦ୍ଦେଶକ କରନ୍ ମାଲହୋତ୍ରା ଏ ନେଇ ରାଜି ହୋଇଥିଲେ। ଗୀତଟିର ସମ୍ପୂର୍ଣ୍ଣ ଶୁଟିଂ ଶେଷ ହେଉ ହେଉ ୧୦ ଦିନ ଲାଗି ଯାଇଥିଲା। ଏଥିପାଇଁ ଯେଉଁ ପରିଶ୍ରମ କରିଥିଲି ତାହା ସାର୍ଥକ ହୋଇଛି, କାରଣ ଗୀତଟି ହିଟ୍ ହୋଇଥିଲା।



ଅକ୍ଷୟ



କ୍ୟାଟ୍ରିନା



ସୌମ୍ୟାପ୍ରିତି

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ସାରା ଦୁନିଆ

ଯୁବକ ଗର୍ଲଫ୍ରେଣ୍ଡକୁ ରାସ୍ତା ଉପରେ- ତୁମ ଆଖିରେ ମୁଁ ସାରା ଦୁନିଆ ଦେଖିପାରେ।
ରାସ୍ତାରେ ଯାଉଥିବା ଜଣେ ବ୍ୟକ୍ତି ଏହି କଥା ଶୁଣି ଯୁବକକୁ- ଭାଇ ସତରେ ତମେ ସାରା ଦୁନିଆ ଦେଖିପାରୁଛ, ତା' ହେଲେ ପ୍ଲିଜ୍ ଟିକେ କୁହ ମୋ ଚୋରି ହୋଇଯାଇଥିବା ବାଇକ୍ କୋଉଠି ଅଛି।

## କେମିତି ଲାଗେ

ତୃତୀୟ ଶ୍ରେଣୀର ପପୁ ମିସ୍‌ଙ୍କୁ- ମିସ୍ ଆପଣଙ୍କୁ ମୁଁ କେମିତି ଲାଗେ ?
ମିସ୍- ଭେରି ସୁଇଟ୍।
ପପୁ-ତା' ହେଲେ ମୁଁ ମୋ ବାପାମା'ଙ୍କୁ ଆପଣଙ୍କ ଘରକୁ କେବେ ପଠେଇବି ?
ମିସ୍- କାହିଁକି ?
ପପୁ- କଥା ଆଗକୁ ବଢେଇବା ପାଇଁ।
ମିସ୍- କ'ଣ କହୁଚୁ ତୁ ? ମୁଣ୍ଡ ଖରାପ ହେଇଯାଇଛି ନା କ'ଣ ?
ପପୁ- ଟ୍ୟୁଶନ୍ ବିଷୟରେ କଥା ହେବାକୁ ମିସ୍। ଆପଣ ବୋଧେ ଆଉ କିଛି ଭାବିଦେଲେ।

## ଡାହାଣୀ

ବାବାଙ୍କ ପାଖରେ ଯୁବକ- ମୋର ଚାକିରି ହେଉନି। ଯେଉଁଠି ହାତ ଦେଉଛି ସବୁ ବିଫଳ ହେଇଯାଉଛି। ଏମିତି କାହିଁକି ହଉଛି ?
ବାବା(ଧ୍ୟାନ କରିବା ପରେ)- ମୁଁ ଦେଖିପାରୁଛି ତୁମ ଉପରେ ଏକ ଡାହାଣୀର ଛାଇ ରହିଛି।
ଯୁବକ ରାଗିଯାଇ- ଗୋଟେ ଶକ୍ତ ଚାପୁଡା ମାରିବି ଯଦି ତମେ ମୋ ଗର୍ଲଫ୍ରେଣ୍ଡ ବିଷୟରେ ଏମିତି କହିବ। ସେ ଡାହାଣୀ ହେଲେ ବି ମୋର।

# ପ୍ରଭୁ ଶ୍ରୀରାମଙ୍କ ପ୍ରଥମ ରାମରାଜ୍ୟ!



ଆମେ ସମସ୍ତେ କଥା କଥାରେ କହୁ- ଏ ରାଇଜଟା ରାମରାଜ୍ୟ ହୋଇଯାଆନ୍ତା କି? ହେଲେ ସେ ରାମରାଜ୍ୟ କ'ଣ, ଅସଲରେ ତା' ସ୍ୱରୂପ କିପରି- ଏ ବାବଦରେ ସମସ୍ତଙ୍କର ଜ୍ଞାନ ଥିଲେ ବି ତାକୁ ହାସଲ କରିବା ପାଇଁ ଯେତିକି ସାଧନା ଜରୁରୀ, ସେତକ କରିବା ପାଇଁ କାହାର ଆନ୍ତରିକତା ନଥାଏ।

ପାଠକେ, ରାମରାଜ୍ୟ ପ୍ରସଙ୍ଗଟି ଯେତେବେଳେ ଏ କାନ ଶୁଣେ, ସେତେବେଳେ ଅଯୋଧ୍ୟାର କଥାଟି ମନକୁ ଆପେ ଆପେ ପଳାଇ ଆସେ। ଚଉଦ ବର୍ଷ ବନବାସ ଭିତରେ ପ୍ରଭୁ ଶ୍ରୀରାମ ରାବଣକୁ ବଧକରି ମା' ସୀତାଙ୍କୁ ଲଙ୍କାରୁ ଫେରାଇ ଆଣିବା ପରେ ଅଯୋଧ୍ୟାର ରାଜା ହେଲେ। ତାଙ୍କରି ଶାସନ କାଳକୁ ଆମେ ରାମରାଜ୍ୟ ବୋଲି କହିଥାଉ। କିନ୍ତୁ 'ରାମଚରିତ ମାନସ' ତଥା ଅନ୍ୟାନ୍ୟ 'ରାମାୟଣ'ପୁସ୍ତକକୁ ତର୍ଜମା କଲେ ଜଣାପଡ଼େ ଯେ, ରାମରାଜ୍ୟ ପ୍ରଥମେ ଅଯୋଧ୍ୟାରେ ସ୍ଥାପିତ ହୋଇ ନ ଥିଲା। ଅଯୋଧ୍ୟାରେ ରାମରାଜ୍ୟ ସ୍ଥାପନା ହେବା ପୂର୍ବରୁ ଆଉ ତିନୋଟି ସ୍ଥାନରେ ପ୍ରତିଷ୍ଠା ହୋଇ ସାରିଥିଲା। ରାମରାଜ୍ୟ 'ନଗରୀ'ରେ ନୁହେଁ, 'ବନ'ରେ ହିଁ ପ୍ରଥମେ ସ୍ଥାପିତ ହୋଇଥିଲା।

ସାଧାରଣ ଅର୍ଥରେ ରାମରାଜ୍ୟ କହିଲେ ଆମେ ଭାବୁ ଏମିତି ଏକ ରାଜ୍ୟ ଯେଉଁଠି ପ୍ରଜାମାନେ ଖୁବ୍ ସୁଖ, ଶାନ୍ତି ଓ ଆନନ୍ଦରେ କାଳାତିପାତ କରୁଥିବେ। ସେ ରାଇଜରେ ଦୁର୍ବଳ ଉପରେ ସବଳର ଅତ୍ୟାଚାର ନଥିବ, କାହାର ଅଭାବ ନଥିବ, ଋତୁଚକ୍ରର ଆବର୍ତ୍ତ ଯଥାସମୟରେ ପରିବର୍ତ୍ତନ

**ଚିନ୍ମୟ ଚିନ୍ତନ**



ଶ୍ରୀ ସନ୍ନ୍ୟାସୀ

ହେଉଥିବ, ହର୍ଷୋତ୍‌ଫୁଲ୍ଲ ନୀଳ ଆକାଶରେ ପକ୍ଷୀମାନେ ଆନନ୍ଦରେ ଡେଣା ଝାଡ଼ି ଉଡୁଥିବେ, ଚାରିଆଡେ ସବୁଜଶ୍ରୀ ଥିବ, ପୁଷ୍ପଫଳଭରା ବୃକ୍ଷରାଜିରେ ପୃଥିବୀମାତା ଆନନ୍ଦିତ ହେଉଥିବେ ଇତ୍ୟାଦି। ଆହୁରି ମଧ୍ୟ ପ୍ରଜାମାନଙ୍କ ମଧ୍ୟରେ ବାଦାନୁବାଦ ବା କଳିତକରାଳ ନଥିବ। ଅନ୍ୟାୟ ପୀଡ଼ିତ ବ୍ୟକ୍ତି ରାଜା ବା ଶାସକଙ୍କଠାରୁ ଉଚିତ ନ୍ୟାୟ ପାଇପାରୁଥିବେ। ରାଜା ବା ଶାସକ ଧର୍ମାଚାରୀ, ନ୍ୟାୟବନ୍ତ, ଶାସ୍ତ୍ରଜ୍ଞ ଏବଂ ତ୍ୟାଗ ସମ୍ପନ୍ନ ହୋଇଥିବେ। ପ୍ରଜାଙ୍କ ସୁଖକୁ ନିଜର ସୁଖ ବୋଲି ମଣୁଥିବେ। ଶ୍ରୀରାମଙ୍କ ଉଦାହରଣ ଦେଖନ୍ତୁ। ଲଙ୍କାରୁ ଉଦ୍ଧାର ପରେ କାଳେ କାହା ମନରେ କିଛି ସନ୍ଦେହ ଥିବ ଭାବି ପ୍ରଭୁ ରାମ ମା' ସୀତାଙ୍କୁ ଅଗ୍ନି ପରୀକ୍ଷା କରାଇଲେ। ପୁଣି ଧୋବା ଧୋବଣୀ କଳିରେ ବି ସେକଥା ଉଠିଲା। ଏଇ କିବା କଥାକୁ ଶୁଣି ପ୍ରଭୁ ରାମ ଜାନକୀଙ୍କୁ ପରିତ୍ୟାଗ କଲେ। ଆଜି ପର୍ଯ୍ୟନ୍ତ ପୃଥିବୀର କେହି ବି ରାଜା ମହାରାଜା ଏପରି ଗୋଟିଏ ବି ଉଦାହରଣ ସୃଷ୍ଟି କରିପାରିବାର ନଜିର ନାହିଁ। ଉତ୍ତମ ରାଜ୍ୟ ଶାସନ ପାଇଁ ଆମର ଯେଉଁ କାମଟା କରିବାର ଅଛି ଅଥଚ ଗାଦି ମୋହରେ ଆମେ କରିପାରୁ ନାହେଁ, ସେ କାମଟି କିନ୍ତୁ ଶ୍ରୀରାମ କରି ଦେଖାଇଛନ୍ତି। ଆମ ଆଖିକୁ ପ୍ରଭୁ ଶ୍ରୀରାମଙ୍କର ଅନେକ କାର୍ଯ୍ୟାବଳୀ ବେଳେବେଳେ ଅତିଶୟୋକ୍ତି ବୋଲି ପ୍ରତୀୟମାନ ହେଉଥିଲେ ବି ଶାସ୍ତ୍ର ଓ ମାନବିକତାର କଷଟି ପଥରରେ ତାହା ହିଁ ଉପଯୁକ୍ତ ସମୟର ନ୍ୟାୟ ବୋଲି ସନ୍ଥଜନମାନେ ମତ ଦେଇଛନ୍ତି। ତେବେ ମୋଟାମୋଟି ଭାବେ କହିବାକୁ ଗଲେ ରାମରାଜ୍ୟ ମାନେ 'ଏକ ଅଭାବ ବିହୀନ ଭାବରାଜ୍ୟ' ବୋଲି କୁହାଯାଇପାରେ। ଭରତ ମାମୁଘରୁ ଫେରି ସବୁ ବିଷୟ ଜ୍ଞାତ ହେଲେ। ସବୁ କାର୍ଯ୍ୟ ସରିବା ପରେ ଚରମ ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ବନ ଗମନ କାଳରେ ସମସ୍ତଙ୍କୁ ଚିତ୍ରକୂଟ ଯିବାକୁ ନିର୍ଦ୍ଦେଶ ଦେଲେ। ଭରତ ଚିତ୍ରକୂଟକୁ ଯିବା ପାଇଁ କହିବାର ଏକ ଆଧ୍ୟାତ୍ମିକ ସଂକେତ ଅଛି। ଏକରେ ତ ପ୍ରଭୁ ସେଇ ଚିତ୍ରକୂଟରେ ଅବସ୍ଥାନ କରୁଥିଲେ। ଦ୍ୱିତୀୟରେ ପ୍ରଭୁଙ୍କ ରହଣି ଯୋଗୁ ଚିତ୍ରକୂଟରେ ସେତେବେଳେ ରାମରାଜ୍ୟ ସ୍ଥାପିତ ହୋଇସାରିଥିଲା। ଏ ରାମରାଜ୍ୟର ପ୍ରଥମ ପ୍ରଜା ଥିଲେ କୈବର୍ତ୍ତ।

ଚିତ୍ରକୂଟ ରାମରାଜ୍ୟର ପରିବେଶ ଏମିତି ଥିଲା ଯେ- ଇତି ଭୀତି ଜନୁ ପ୍ରଜା ଦୁଖାରି, ତ୍ରିବିଧ ତାପ ପୀଡ଼ିତ ଗ୍ରହମାରୀ/ଜାଇ ସୁରାଜ ସୁବେଶ ସୁଖାରି, ହୋହିଁ ଭରତ ଗତି ତେହି ଅନୁହାରୀ ଅର୍ଥାତ ଭରତ ନିଷାଦରାଜାଙ୍କ ସହ ଯେତେବେଳେ ଚିତ୍ରକୂଟ ଆଶ୍ରମ ସମୀପରେ ପହଞ୍ଚିଗଲେ ସେଠାକାର ବନ, ପର୍ବତ ତଥା ପରିବେଶକୁ ଦେଖି ଏତେ ଆତ୍ମବିସ୍ମୃତ ହୋଇଗଲେ ଯେ, ସତେଯେପରି ବହୁଦିନ ହେବ ଭୋକିଲା ଥିବା କ୍ଷୁଧିତ ବ୍ୟକ୍ତିକୁ ସୁସ୍ୱାଦୁ ଖାଦ୍ୟ ମିଳିଗଲା। ମଣିଷ-ମଣିଷ, ମଣିଷ-ପଶୁ, ପଶୁ-ପଶୁ, ପଶୁ-ପକ୍ଷୀ ଆଦିଙ୍କ ମଧ୍ୟରେ ଭଲ ପାଇବା, ସ୍ନେହ, ପ୍ରୀତି, ପ୍ରେମ ଆଦି କେବଳ ରାମରାଜ୍ୟରେ ହିଁ ସମ୍ଭବ। ଗୋସ୍ୱାମୀ ତୁଳସୀ ଦାସ ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ସ୍ଥାପିତ ଏହି ପ୍ରଥମ ରାମରାଜ୍ୟର ଏକ ଝଲକ ଦେଖାଇବାକୁ ଯାଇ ଆମ୍ଭଙ୍କୁ କହିଛନ୍ତି ଯେ, 'ଜନୁ ସୁରାଜ ମଂଗଲ ବହୁ ଓରା', 'ସବ ସମାକୁ ମୁଦ ମଂଗଲ ମୂଳା' ଅର୍ଥାତ ଏହି ଅଞ୍ଚଳରେ ପାଦ ଦେଉଦେଉ ଲାଗୁଥିଲା ସତେ ଯେପରି ଚାରିଆଡେ ମଙ୍ଗଳ ଉତ୍ସବ ବା ମଙ୍ଗଳ ବାଦ୍ୟ ବାଜୁଛି। ଏକ ଅହେତୁକ ଆନନ୍ଦରେ ଦେହ ମନ ପୁଲକିତ ହେବାର ବୋଧ ହେଉଥିଲା।

- ଦିବ୍ୟାଲୋକ ସନ୍ଧାନେ, ତେଲେଙ୍ଗାପେଣ୍ଠ, କଟକ



## ମୟୂର ଲାଗି ମାମଲା

ପ୍ରକୃତିର ଯେତେ ପକ୍ଷୀ ଅଛନ୍ତି ସେମାନଙ୍କ ମଧ୍ୟରେ ମୟୂର ଅତି ସୁନ୍ଦର। କଳାମେଘ ଦେଖି ମୟୂର ପୁଚ୍ଛଟେକି ନାଚିବାକୁ ଅନେକେ ପସନ୍ଦ କରନ୍ତି। ସେହିଭଳି ମୟୂର ଯେତେବେଳେ ରାବଦିଏ ତାହା ମଧ୍ୟ ମନକୁ ଭାରି ଚହଲେଇଦିଏ। ଯଦି ମୟୂରକୁ ନେଇ ଏତେସବୁ କଥା ଘଟେ ତା'ହେଲେ ତାହାକୁ ନେଇ ମାମଲା ହେଲା କାହିଁକି? ପୁଣି କେଉଁଠି ହେଲା? ଘଟଣାଟି ଘଟିଛି କାଲିଫର୍ନିଆର ଅକ୍‌ଲାଣ୍ଡଠାରେ। ଏବେ ଚାରିଆଡ଼େ କରୋନାର ଭୟ। ସେଥିଲାଗି ଲୋକଙ୍କୁ ଲକ୍‌ଡାଉନ୍‌ରେ ରହିବାକୁ ହେଉଛି। ସେଠାରେ ମଧ୍ୟ ସେଇ ସମାନ ପରିସ୍ଥିତି। ଅକ୍‌ଲାଣ୍ଡର ଏକ କଲୋନୀର ସ୍ଥିତି କିନ୍ତୁ ଭିନ୍ନ। ସେହି କଲୋନୀରେ କିଛି ମୟୂର ବାସ କରନ୍ତି। ପ୍ରାୟ ଚାରିବର୍ଷ ହେବ ମୟୂରଦଳ ସେଠାରେ ରହନ୍ତି ଓ ସେଠାକାର ଲୋକମାନେ ମଧ୍ୟ ସେମାନଙ୍କୁ ଖାଇବା ପିଇବାକୁ ଦିଅନ୍ତି। ଲକ୍‌ଡାଉନ୍‌ର ପ୍ରଭାବ ସିନା ଲୋକଙ୍କ ଉପରେ ପଡ଼ିଛି। ହେଲେ ପଶୁପକ୍ଷୀ ସେଥିରୁ ମୁକ୍ତ। ମୟୂରଦଳ ସେଠାରେ ରାବନ୍ତି, ନାଚନ୍ତି, ଏ ଛାତରୁ ସେ ଛାତକୁ ଉଡ଼ିବୁଲନ୍ତି। ଲୋକମାନେ ମଧ୍ୟ ମୟୂରର ନାଚ ଦେଖି ଲକ୍‌ଡାଉନ୍‌ର ଏକାନ୍ତକଷ୍ଟକୁ କିଛି ସମୟ ପାଇଁ ଭୁଲି ଯାଆନ୍ତି। ହେଲେ ଖୁବ୍ ଆକସ୍ମିକ ଭାବରେ ଆନିମଲ କଣ୍ଟ୍ରୋଲ କାର୍ଯ୍ୟାଳୟରେ ଯାଇ ଚାରିପାଞ୍ଚଟି ମାମଲା ପହଞ୍ଚିଲା। ମାମଲାରେ ଲେଖାଥିଲା ଯେ, ମୟୂରଦଳର ଚିତ୍କାରରେ ସେମାନେ ରହିପାରୁ ନାହାନ୍ତି। ରାତିରେ ନିଦ ହେଉନି। ଦିନରେ ବି ଶୋଇ ହେଉନି। ଲକ୍‌ଡାଉନ୍ ସହିତ ମୟୂରମାନେ ସେମାନଙ୍କର ଜୀବନକୁ ଦୟନୀୟ କରି ସାରିଲେଣି। ଏହି ମାମଲା ପାଇ ଆନିମଲ କଣ୍ଟ୍ରୋଲର କର୍ମକର୍ତ୍ତାମାନେ ଆଶ୍ଚର୍ଯ୍ୟ ହୋଇଯିବା ସହିତ ମୟୂର ଦଳକୁ ସେଠାରୁ ହୁରୁଡ଼େଇବାର ନିଷ୍ପତ୍ତି ନେଇଛନ୍ତି।







ବ୍ୟାକ୍ ପେଜ୍

# ସ୍କିପିଂ ଖେଳି କୁକୁରର ରେକର୍ଡ

ପିଅମାନେ ସ୍କିପିଂ ନିଶ୍ଚୟ ଖେଳିଥିବେ। କେବେ ଏକା ଖେଳିଥିବେ ତ ଆଉ କେବେ ଦୁଇଜଣ ସାଙ୍ଗ ମୁହାଁମୁହିଁ ହୋଇ ରହି ଏକାସାଙ୍ଗରେ ଡେଇଁ ଡେଇଁ ସ୍କିପିଂ ଖେଳିଥିବେ। ଦୁଇଜଣ ମିଶି ସ୍କିପିଂ ଖେଳିବାରେ ଥାଏ ଏକ ଅଲଗା ମଜା। ଏଥିରେ ଦୁହିଁଙ୍କ ଭିତରେ ତାଳମେଳ ନିହାତି ଜରୁରୀ। ନଚେତ ଏହାକୁ ଖେଳିବା କଷ୍ଟକର। ତେବେ ଜଣେ ମହିଳା ଏକ କୁକୁର ସହ ମିଶି ସ୍କିପିଂ ଖେଳି ନା କେବଳ ସମସ୍ତଙ୍କୁ ଚକିତ କରିଦେଇଛନ୍ତି। ବରଂ ଦୁହେଁ ମିଶି ଗିନିଜ୍ ୱାର୍ଲଡ ରେକର୍ଡରେ ସ୍ଥାନ ବି ପାଇଛନ୍ତି। ସେମାନେ ହେଉଛନ୍ତି ଲଣ୍ଡନର ରାସେଲ୍ ଗ୍ରିଲ୍ ଓ ତାଙ୍କ କୁକୁର ଜେସିକା। ଦୁହେଁ ଏକ ମିନିଟ୍‌ରେ ୫୯ ଥର ସ୍କିପିଂ କରିଥିଲେ। ଏହା ହେଉଛି ଏକ ମିନିଟ୍‌ରେ ଏକ କୁକୁର ଓ ମଣିଷ ଖେଳିଥିବା ସବୁଠାରୁ ଅଧିକ ସ୍କିପିଂ।

## କାର୍ଟୁନ କର୍ନର

